# NATIONAL NEWS BULLETIN (ODIA)

## 16 October 2026

### Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ଦେଶରେ ନିଯୁକ୍ତିହାର ୫୨ ଦଶମିକ୍ ୭ ପ୍ରତିଶତକୁ ବୃଦ୍ଧି ।

– ବେକାରୀହାର ୫ ପ୍ରତିଶତକୁ ହ୍ରାସ ପାଇଥିବା ଜାତୀୟ ପରିସଂଖ୍ୟାନ ସଂଗଠନର ରିପୋର୍ଟ୍ ।

- ନିଟ୍-ପିଜି ୨୦୨୬ ପରୀକ୍ଷାର ଉତ୍ତର ସୂଚୀ ପ୍ରକାଶ ସମ୍ପର୍କିତ ଆବେଦନ ଉପରେ କେନ୍ଦ୍ର ସରକାରଙ୍କଠାରୁ ଜବାବ ତଲବ କଲେ ସୁପ୍ରିମ୍‌କୋର୍ଟ୍ ।

- ଭାରତୀୟଙ୍କ ସାମ୍ବିଧାନିକ ଅଧିକାର ପ୍ରୟୋଗ କ୍ଷେତ୍ରରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବା ନେଇ ଆମେରିକାର ସ୍ପଷ୍ଟୋକ୍ତି ।

ଏବଂ

- ଭାରତ ଓ ଜିମ୍ବାୱେ ମଧ୍ୟରେ ଆଜି ରାୟପୁରରେ ଖେଳାଯିବ ପ୍ରଥମ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍ ।

# ଏନ୍‌ଏସ୍‌ଏସ୍‌ଓ-ଡାଟା

ଚଳିତ ବର୍ଷ ସେପ୍ଟେମ୍ବର ମାସରେ ଦେଶରେ ଶ୍ରମଶକ୍ତି ଅଂଶଗ୍ରହଣ ହାର ଓ ନିଯୁକ୍ତି ହାରରେ ବାର୍ଷିକ ବୃଦ୍ଧି ରେକର୍ଡ କରାଯାଇଛି। ଏହି ସମୟ ମଧ୍ୟରେ ବେକାରୀ ହାର ହ୍ରାସ ପାଇ ୫ ପ୍ରତିଶତରେ ପହଞ୍ଚିଛି। ଜାତୀୟ ପରିସଂଖ୍ୟାନ ସଂଗଠନ-**NSSO** ପକ୍ଷରୁ ପ୍ରକାଶିତ ରିପୋର୍ଟ୍ ଅନୁଯାୟୀ, ଗ୍ରାମାଞ୍ଚଳରେ ଶ୍ରମଶକ୍ତିର ଅଂଶଗ୍ରହଣ ଓ ନିଯୁକ୍ତି ସ୍ଥିତିରେ ଉନ୍ନତି ହୋଇଥିବାବେଳେ ସହରାଞ୍ଚଳରେ ମହିଳାଙ୍କ ଅଂଶଗ୍ରହଣ ହାରରେ ଉଲ୍ଲେଖନୀୟ ମାସିକ ବୃଦ୍ଧି ହୋଇଛି। ଦେଶରେ ଶ୍ରମଶକ୍ତିର ଅଂଶଗ୍ରହଣ ହାର ୫୫ ଦଶମିକ ୫ ପ୍ରତିଶତକୁ ବୃଦ୍ଧି ପାଇଛି। ମହିଳାଙ୍କ ଅଂଶଗ୍ରହଣ ହାରରେ ବାର୍ଷିକ ବୃଦ୍ଧି ହୋଇଛି। ବିଶେଷକରି, ସହରାଞ୍ଚଳରେ ମହିଳାଙ୍କ ଅଂଶଗ୍ରହଣ ହାର ୨୦୨୫ ଅକ୍ଟୋବର ପରଠାରୁ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି।

ସେହିପରି, ଦେଶରେ ମୋଟ ନିଯୁକ୍ତି ହାର ୫୨ ଦଶମିକ ୭ ପ୍ରତିଶତକୁ ବୃଦ୍ଧି ପାଇଛି। ସହରାଞ୍ଚଳରେ ଏହି ହାର ୨୦୨୫ ଅକ୍ଟୋବର ପରଠାରୁ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଉଭୟ ପୁରୁଷ ଓ ମହିଳାଙ୍କ ନିଯୁକ୍ତି ହାରରେ ଉନ୍ନତି ହୋଇଛି। ଗତବର୍ଷ ସେପ୍ଟେମ୍ବର ତୁଳନାରେ ଦେଶରେ ବେକାରୀ ହାର ଶୂନ ଦଶମିକ ୨ ପ୍ରତିଶତରୁ ବୃଦ୍ଧି ପାଇ ୫ ପ୍ରତିଶତରେ ପହଞ୍ଚିଛି। ଗ୍ରାମାଞ୍ଚଳରେ ବେକାରୀ ହାର ୪ ଦଶମିକ ୨ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ସହରାଞ୍ଚଳରେ ଏହା ୬ ଦଶମିକ ୮ ପ୍ରତିଶତରେ ସ୍ଥିର ରହିଛି।

# ଏସ୍‌ସି-ନିଟ୍

ନିଟ୍-ପିଜି ୨୦୨୬ ପରୀକ୍ଷାର ଉତ୍ତର ସୂଚୀ ଓ ପରୀକ୍ଷାର୍ଥୀଙ୍କ ଉତ୍ତର ପ୍ରକାଶ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଦାବି କରି ଦାଏର ଏକ ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ଜାତୀୟ ମେଡିକାଲ୍ କମିଶନଙ୍କଠାରୁ ଜବାବ ଲୋଡ଼ିଛନ୍ତି।

ବିଚାରପତି ପି.ଏସ୍. ନରସିଂହ ଓ ଆଲୋକ ଆରାଧେଙ୍କ ଖଣ୍ଡପୀଠ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରିବା ସହ ଏହି ଆବେଦନକୁ ବିଚାରାଧୀନ ଅନ୍ୟ ଆବେଦନଗୁଡ଼ିକ ସହ ମିଳିତ ଭାବେ ଶୁଣାଣି କରିଛନ୍ତି। ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ପ୍ରଶ୍ନ ଓ ଉତ୍ତର ବିକଳ୍ପ, ସେମାନେ ଦେଇଥିବା ଉତ୍ତର ଏବଂ ସଠିକ୍ ଉତ୍ତର ଉପଲବ୍ଧ କରାଇବାକୁ ଆବେଦନକାରୀମାନେ ଦାବି କରିଛନ୍ତି। ବର୍ତ୍ତମାନ ବ୍ୟବସ୍ଥାରେ ପରୀକ୍ଷାର୍ଥୀମାନେ ନିଜ ମୂଲ୍ୟାୟନର ସଠିକତା ଯାଞ୍ଚ କରିପାରୁନଥିବା ଆବେଦନକାରୀମାନେ ଦର୍ଶାଇଛନ୍ତି।

ନିଟ୍-ପିଜି ୨୦୨୬ ପରୀକ୍ଷା ପ୍ରଥମେ ଚଳିତ ବର୍ଷ ଅଗଷ୍ଟ ୩୦ ତାରିଖରେ ହୋଇଥିଲା। ଜୟପୁରର ଏକ ପରୀକ୍ଷା କେନ୍ଦ୍ରରେ ବୈଷୟିକ ତ୍ରୁଟି ଯୋଗୁଁ ପ୍ରଭାବିତ ପରୀକ୍ଷାର୍ଥୀଙ୍କ ପାଇଁ ପୁନଶ୍ଚ ସେପ୍ଟେମ୍ବର ୫ ତାରିଖରେ ପୁଣିଥରେ ପରୀକ୍ଷା କରାଯାଇଥିଲା ।

## ପ୍ରେସ୍-ମୁରୁଗାନ ରିଜାଇନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନ୍‌ଙ୍କ ଇସ୍ତଫା ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ ସମ୍ବିଧାନର ଧାରା ୭୫ର ଉପଧାରା ୨ ଅନୁଯାୟୀ ଏହି ଇସ୍ତଫା ଗ୍ରହଣ କରାଯାଇଛି।

ଇସ୍ତଫା ସମ୍ପର୍କରେ ଡକ୍ଟର ମୁରୁଗନ୍ କହିଛନ୍ତି, ସେ ତୃଣମୂଳ ସ୍ତରରେ ଦଳୀୟ କର୍ମୀଙ୍କ ସହ କାର୍ଯ୍ୟ କରିବାକୁ ଚାହୁଁଛନ୍ତି। ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ତାମିଲନାଡୁରେ ବିଜେପିକୁ ମଜଭୁତ କରିବା ପାଇଁ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

## ଗୋୟଲ୍-ଟ୍ରେଡ୍ ସେଣ୍ଟର

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ନୂଆଦିଲ୍ଲୀରେ ଜାତୀୟ ରଣନୈତିକ ବାଣିଜ୍ୟ ନିୟନ୍ତ୍ରଣ କେନ୍ଦ୍ର — **NSTCC**ର ଶୁଭାରମ୍ଭ କରିଛନ୍ତି। ଭାରତର ଅନ୍ତର୍ଜାତୀୟ ବାଣିଜ୍ୟ ବ୍ୟବସ୍ଥାର ନିରୀକ୍ଷଣ, ବିଶ୍ଳେଷଣ ଓ ପରିଚାଳନାକୁ ସୁଦୃଢ଼ କରିବା ଏହି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ସମନ୍ୱିତ ତଥ୍ୟ ବିଶ୍ଳେଷଣ ଓ ପ୍ରମାଣଭିତ୍ତିକ ନିଷ୍ପତ୍ତି ଗ୍ରହଣ ଉପରେ ଗୁରୁତ୍ୱ ଦିଆଯିବ।

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅନୁଯାୟୀ, ଏହି କେନ୍ଦ୍ର ମାଧ୍ୟମରେ ଦେଶର ବାଣିଜ୍ୟ ପ୍ରଦର୍ଶନ, ରପ୍ତାନି ପ୍ରୋତ୍ସାହନ ଯୋଜନା, ନିୟାମକ ଅନୁମୋଦନ, ଆବେଦନ ପ୍ରକ୍ରିୟାକରଣ ଓ କାର୍ଯ୍ୟକାରିତା ସମ୍ପର୍କିତ ସୂଚନା ଗୋଟିଏ ସ୍ଥାନରେ ଉପଲବ୍ଧ ହେବ। ଏଥିରେ ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟର ବିଭିନ୍ନ କାର୍ଯ୍ୟ ସହ ଆମଦାନିକାରୀ-ରପ୍ତାନିକାରୀ କୋଡ୍, ଅଗ୍ରିମ ଅନୁମତି, ରପ୍ତାନି ପ୍ରୋତ୍ସାହନ ପୁଞ୍ଜି ସାମଗ୍ରୀ ଯୋଜନା, ଉତ୍ପତ୍ତି ପ୍ରମାଣପତ୍ର ଏବଂ ସ୍କୋମେଟ୍ ଭଳି ବିଷୟ ସାମିଲ ହେବ।

## ଆଇଆର୍‌ସିଟିସି-ଏମ୍‌ଓୟୁ

ଭାରତୀୟ ରେଳବାଇରେ ଯାତ୍ରୀମାନଙ୍କୁ ଖାଦ୍ୟ ଯୋଗାଣର ମାନ ବୃଦ୍ଧି ଏବଂ ଖାଦ୍ୟର ସୁରକ୍ଷା ଓ ପରିଚ୍ଛନ୍ନତା ସୁନିଶ୍ଚିତ କରିବା ଲାଗି ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ୍ – ଆଇଆରସିଟିସି, କ୍ୱାଲିଟି କାଉନସିଲ୍ ଅଫ୍ ଇଣ୍ଡିଆ – କ୍ୟୁସିଆଇ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି।

ଏହି ବୁଝାମଣା ଅନୁଯାୟୀ, ଆଇଆରସିଟିସି ପରିଚାଳିତ ଖାଦ୍ୟ ଯୋଗାଣ କେନ୍ଦ୍ରଗୁଡ଼ିକରେ ଖାଦ୍ୟର ମାନ, ସୁରକ୍ଷା ଓ ପରିଚ୍ଛନ୍ନତା ଯାଞ୍ଚ ପାଇଁ ତୃତୀୟ ପକ୍ଷ ବ୍ୟବସ୍ଥା କରାଯିବ। କ୍ୟୁସିଆଇ ପ୍ରମାଣିତ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରତି ତିନି ମାସ ଓ ଛଅ ମାସରେ ଆଗୁଆ ସୂଚନା ନ ଦେଇ ଯାଞ୍ଚ କରାଯିବ ବୋଲି କୁହାଯାଇଛି ।

# ସେବା ସଂକଳ୍ପ-ସେମିକଣ୍ଡକ୍ଟର ମିଶନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ସେମିକଣ୍ଡକ୍ଟର' ବିଷୟରେ ସୂଚନା ପ୍ରଦାନ କରୁଛୁ ।

୨୦୨୧ ମସିହାରେ ବିଶ୍ୱବ୍ୟାପୀ ସେମିକଣ୍ଡକ୍ଟର ଚିପ୍ ଅଭାବ ଯୋଗୁଁ ଗାଡ଼ି ନିର୍ମାଣଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ ଶିଳ୍ପ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ ପ୍ରଭାବିତ ହୋଇଥିଲା। ଏହି ସଙ୍କଟ ଚିପ୍ ଯୋଗାଣ ପାଇଁ ବିଦେଶ ଉପରେ ଭାରତର ନିର୍ଭରଶୀଳତାକୁ ସ୍ପଷ୍ଟ କରିଥିଲା।

ବିଶ୍ୱ ସେମିକଣ୍ଡକ୍ଟର ଚିପ୍ ଉତ୍ପାଦନ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଦକ୍ଷତାର ସହ ଆଗକୁ ବଢୁଛନ୍ତି। ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ପ୍ରାୟ ଏକ ଲକ୍ଷ ୬୦ ହଜାର କୋଟି ଟଙ୍କାର ୧୦ଟି ସେମିକଣ୍ଡକ୍ଟର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏଥିରେ ଦୁଇଟି ଚିପ୍ ଉତ୍ପାଦନ କେନ୍ଦ୍ର ଏବଂ ଆଠଟି ଚିପ୍ ପ୍ୟାକେଜିଂ

ୟୁନିଟ୍ ରହିଛି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଚାରିଟିରେ ପରୀକ୍ଷାମୂଳକ ଉତ୍ପାଦନ ଆରମ୍ଭ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି ।

ସେମିକଣ୍ଡକ୍ଟର ଚିପ୍ ହେଉଛି ମୋବାଇଲ୍ ଫୋନ୍, କମ୍ପ୍ୟୁଟର, ଗାଡ଼ି, ଟେଲିକମ୍ ଉପକରଣ, ଶିଳ୍ପ ଯନ୍ତ୍ରପାତି ଓ ଅନ୍ୟାନ୍ୟ ଆଧୁନିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଏକ ମୁଖ୍ୟ ଉପାଦାନ । ତେଣୁ ଏହାର ଦେଶୀୟ ଉତ୍ପାଦନ ବୃଦ୍ଧି କରିବା ଏବଂ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ।

ଏହି ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ୨୦୨୧ ଡିସେମ୍ବରରେ ୭୬ ହଜାର କୋଟି ଟଙ୍କା ବ୍ୟୟବରାଦ ସହ ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ଅନୁମୋଦନ କରିଥିଲେ । ଏହା ଅଧୀନରେ ଚିପ୍ ଡିଜାଇନ୍, ଉତ୍ପାଦନ, ପରୀକ୍ଷଣ ଓ ପ୍ୟାକେଜିଂ ସମେତ ସମଗ୍ର ଶିଳ୍ପ ବ୍ୟବସ୍ଥାର ବିକାଶ ଲକ୍ଷ୍ୟ ରଖାଯାଇଛି । କାର୍ଯ୍ୟକ୍ରମର ରୂପାୟନ ପାଇଁ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଗଠନ କରାଯାଇଛି ।

ଏହି ପ୍ରକଳ୍ପଗୁଡ଼ିକ ଗୁଜରାଟ, ଆସାମ, ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ଗଢି ଉଠୁଛି । ଓଡ଼ିଶାରେ ମଧ୍ୟ ସେମିକଣ୍ଡକ୍ଟର ଶିଳ୍ପ ସମ୍ପର୍କିତ ଦୁଇଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହାଦ୍ୱାରା ରାଜ୍ୟରେ ଉଚ୍ଚ ବୈଷୟିକ ଶିଳ୍ପର ବିକାଶ ସହ ଦକ୍ଷ ମାନବ ସମ୍ବଳ ପାଇଁ ନୂଆ ସୁଯୋଗ ସୃଷ୍ଟି ହେବାର ଆଶା ରହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ସେମିକଣ୍ଡକ୍ଟର ଶିଳ୍ପ ଆବଶ୍ୟକତା ନେଇ କହିଥିଲେ – **V/O**

# ଜିରୋ ଟଲରାନ୍ସ-ୟୁଏସ୍ ଟେମ୍ପୁଲ୍

ଆମେରିକାରେ ଭାରତୀୟ ଓ ହିନ୍ଦୁ ସମ୍ପ୍ରଦାୟର ଲୋକଙ୍କ ସାମ୍ବିଧାନିକ ଅଧିକାର ପ୍ରୟୋଗ କ୍ଷେତ୍ରରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ ବୋଲି ଆମେରିକା ପ୍ରଶାସନ କହିଛି । ଚିକାଗୋସ୍ଥିତ ଫେଡେରାଲ୍ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ (ଏଫ୍‌ବିଆଇ)ର କାର୍ଯ୍ୟକାରୀ ମୁଖ୍ୟ ଲୁକାସ୍ ରୋଥାର୍ ପାଲାଟାଇନ୍‌ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି। ଘୃଣାଭାବରୁ ପ୍ରେରିତ ହୋଇ ହିଂସା ଓ ଧମକ ଦେବା, ଶାନ୍ତିପୂର୍ଣ୍ଣ ଭାବେ ରହୁଥିବା ଲୋକଙ୍କୁ ଦମନ କରିବା କିମ୍ବା ସେମାନଙ୍କ ମତପ୍ରକାଶର ସାମ୍ବିଧାନିକ ଅଧିକାର ବିରୋଧରେ କାର୍ଯ୍ୟ କରିବା ଉଦ୍ୟମକୁ ଏଫ୍‌ବିଆଇ ବରଦାସ୍ତ କରିବ ନାହିଁ ବୋଲି ସେ କହିଛନ୍ତି।

ସୂଚନା ଯୋଗ୍ୟ ଚିକାଗୋଠାରୁ ପ୍ରାୟ ୭୦ କିଲୋମିଟର ଦୂର ଅରୋରାସ୍ଥିତ ଏକ ହିନ୍ଦୁ ମନ୍ଦିରରେ ବ୍ୟାପକ ଗୁଳିକାଣ୍ଡ ଘଟାଇବାକୁ ଯୋଜନା କରିଥିବା ଅଭିଯୋଗରେ ୧୯ ବର୍ଷୀୟ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯିବା ପରେ ଆମେରିକା ପକ୍ଷରୁ ଏହା କୁହାଯାଇଛି ।

# ସେବା ସଂକଳ୍ପ-ରଣଉତ୍ସବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବାରୁ ଦେଶ ସେବା ମନ୍ତ୍ରକୁ ଆଧାର କରି ବିଭିନ୍ନ ପଦକ୍ଷେପ ଦେଶର ପ୍ରତିଟି କ୍ଷେତ୍ରରେ ବିକାଶକୁ ସୁଦୃଢ଼ କରିପାରିଛି । ଏହି କ୍ରମରେ ଆସନ୍ତୁ ଜାଣିବା କିପରି ରଣ ଉତ୍ସବ ଭଳି ଅଭିନବ ଦକ୍ଷତା ମାଧ୍ୟମରେ ଏକ ଦୃଷ୍ଟିକୋଣକୁ ବାସ୍ତବ ରୂପ ଦିଆଯାଇଛି ।

ଗୁଜରାଟର କଚ୍ଛ ରଣ ହେଉଛି ଦୂରଦୂରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଏକ ବିଶାଳ ଲବଣାକ୍ତ ମରୁଭୂମି । ବର୍ଷର ଅଧିକାଂଶ ସମୟ ଏହି ଅଞ୍ଚଳ ଜନଶୂନ୍ୟ ରହିଥାଏ । ୨୦୦୧ର ଭୟାବହ ଭୂମିକମ୍ପ ପରେ ଏହି ଅଞ୍ଚଳର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଥିଲା । ଜୀବିକା ନିର୍ବାହ ପାଇଁ ସ୍ଥାନୀୟ ଲୋକଙ୍କ ପାଖରେ ସୁଯୋଗ ମଧ୍ୟ ନଥିଲା ।

ଏହାର ସମାଧାନ ପାଇଁ ଗୁଜରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୦୫ ମସିହାରେ ପଦକ୍ଷେପ ଗ୍ରହଣ କରିଥିଲେ । ଧୋର୍ଡୋ ଗ୍ରାମର ଲବଣାକ୍ତ ଭୂମି ଉପରେ ଶୀତକାଳୀନ ତମ୍ବୁ ସହର ସ୍ଥାପନ କରାଯାଇଥିଲା । ଦେଶର ବିଭିନ୍ନ ଭାଗରୁ ପର୍ଯ୍ୟଟକଙ୍କୁ ଏହି ଅଞ୍ଚଳର ଅନନ୍ୟ ପ୍ରାକୃତିକ ଦୃଶ୍ୟ ଦେଖିବାକୁ ଆମନ୍ତ୍ରଣ କରାଯାଇଥିଲା ।

ଏହାଦ୍ୱାରା ପର୍ଯ୍ୟଟକଙ୍କ ଆଗମନ ବଢ଼ିବା ସହ ସ୍ଥାନୀୟ ଲୋକକଳାକାର, ନୃତ୍ୟଶିଳ୍ପୀ, ହସ୍ତଶିଳ୍ପୀ ଓ ପାରମ୍ପରିକ ରୋଷେୟାମାନେ ମଧ୍ୟ ନିଜ କଳା ଓ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲେ । ଏକ

ଦୁର୍ଗମ ମରୁଭୂମି ଧୀରେ ଧୀରେ ଏକ ଜୀବନ୍ତ ସାଂସ୍କୃତିକ କେନ୍ଦ୍ରରେ ପରିଣତ ହୋଇଥିଲା ।

ପ୍ରତ୍ୟେକ ବର୍ଷ ଶୀତ ଋତୁରେ ଲକ୍ଷ ଲକ୍ଷ ପର୍ଯ୍ୟଟକ ରଣ ଉତ୍ସବକୁ ଆସିବା ଦ୍ୱାରା ସେଠାକାର ହସ୍ତଶିଳ୍ପୀମାନେ ନିଜ ଅଞ୍ଚଳରେ ହିଁ ଏକ ସ୍ଥାୟୀ ବଜାର ପାଇବା ସହ ଆତ୍ମନିର୍ଭର ହେବାର ସୁଯୋଗ ପାଉଛନ୍ତି । ରଣ ଉତ୍ସବର ଅଭୂତପୂର୍ବ ବିକାଶକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, **V/O**

## ମଣିପୁର-ବିଏସ୍ଏଫ୍ ଫୁଡ୍ ପଏଜନ

ମଣିପୁରରେ ଖାଦ୍ୟ ବିଷକ୍ରିୟା ଆଶଙ୍କାରେ ସୀମା ସୁରକ୍ଷା ବଳ – ବି.ଏସ୍.ଏଫ୍.ର ଡି-୫୮ ବାଟାଲିୟନର ୮୪ ଜଣ ଯବାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଗତକାଲି ସକାଳେ ଜଳଖିଆ ଖାଇବା ପରେ ସେମାନେ ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଛି । ଏହି ଯବାନମାନେ ଛତିଶଗଡ଼ରୁ ଆସି ଇମ୍ଫାଲ ପଶ୍ଚିମ ଜିଲ୍ଲାର ଲାମସାଙ୍ଗ ଅନ୍ତର୍ଗତ ତାଓଥୋଙ୍ଗ ଲାମଖାଇସ୍ଥିତ ଏଏମ୍ଆର୍ ଇଣ୍ଡିଆ ଲିମିଟେଡ୍ରେ ରହୁଥିଲେ ।

ମଣିପୁରର ଗୃହମନ୍ତ୍ରୀ ଗୋବିନ୍ଦାସ କୋନ୍ଥୌଜାମ୍ ଇମ୍ଫାଲସ୍ଥିତ ରିମ୍ସ ହସ୍ପିଟାଲକୁ ଯାଇ ଅସୁସ୍ଥ ଯବାନମାନଙ୍କୁ ଭେଟିଛନ୍ତି । ସେ ସମସ୍ତ ଯବାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ।

ମଣିପୁରର ମୁଖ୍ୟମନ୍ତ୍ରୀ ୟୁମନାମ୍ ଖେମଚାନ୍ଦ ମଧ୍ୟ ୮୪ ଜଣ ଯବାନ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହେବା ଖବରରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

## ଦିଲ୍ଲୀ-ପୋଲିସ ପ୍ରୋଟେଷ୍ଟ

ନୂଆଦିଲ୍ଲୀର କନଟ୍ ପ୍ଲେସ୍ ଅଞ୍ଚଳରେ ଆଜି ପ୍ରସ୍ତାବିତ ବିକ୍ଷୋଭକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ୧୬୩ ଧାରା ଅନୁଯାୟୀ ନିଷେଧାଦେଶ ଜାରି ହୋଇଛି ବୋଲି ଦିଲ୍ଲୀ ପୁଲିସ କହିଛି ।

ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଡିସିପି ନେହା ଯାଦବ ବିକ୍ଷୋଭକାରୀ ଏବଂ ସାଧାରଣ ଜନତାଙ୍କୁ ଏହି ଧାରାର ଉଲ୍ଲଂଘନ କରୁଥିବା କୌଣସି ସମାବେଶରେ ସାମିଲ ନହେବାକୁ ଅନୁରୋଧ କରିଛନ୍ତି ।

## କ୍ରିକେଟ୍-ଇଣ୍ଡିଆ-ଜିମ୍ବାୱେ

ମହିଳା କ୍ରିକେଟ୍‌ରେ ଆଜି ଭାରତ ଓ ଜିମ୍ବାୱେ ମଧ୍ୟରେ ପ୍ରଥମ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ ମ୍ୟାଚ୍ ରାୟପୁରର ସହିଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯିବ । ମ୍ୟାଚ୍ ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ ।

ଏହି ସିରିଜ୍‌ର ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍ ଅକ୍ଟୋବର ୧୮ ଓ ୨୦ ତାରିଖରେ ଖେଳାଯିବ। ସମସ୍ତ ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ।

ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏଙ୍କ ପ୍ରସ୍ତାବ ଅନୁଯାୟୀ ଭାରତ ଓ ଜିମ୍ବାୱେ ମଧ୍ୟରେ ତିନୋଟି ଯାକ ମହିଳା ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ ମ୍ୟାଚ୍ ଦେଖିବା ପାଇଁ ମହିଳା ଦର୍ଶକଙ୍କୁ ମାଗଣା ପ୍ରବେଶ ଅନୁମତି ଦିଆଯିବ।

ଟି-ଟ୍ୱେଣ୍ଟି ସିରିଜ୍ ପରେ ଭାରତ ଓ ଜିମ୍ବାୱେ ମଧ୍ୟରେ ତିନୋଟି ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ଗୁଡ଼ିକ ଅକ୍ଟୋବର ୨୩, ୨୫ ଓ ୨୮ ତାରିଖରେ ଭଦୋଦରାର କୋଟାମ୍ବିସ୍ଥିତ ବିସିଏ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ।